ଧରିତ୍ରୀ
DHARITRI
ଶୁକ୍ରବାର ୬ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ନିଶାଶକ୍ତ ଅଟୋ ଚାଳକଙ୍କୁ କୋର୍ଟ ଚାଲାଣ

**ପାଟପୁର,୫।୩:** ପାଟପୁର ପୋଲିସ ଗୁରୁବାର ଜଣେ ନିଶାଶକ୍ତ ଅଟୋ ଚାଳକଙ୍କୁ ନନ ଏଫଆଇଆର୍ ମାମଲା ନଂ.୨୭/୨୦ ମୋଟର ଆଇନର ଦଫା ୧୮୫ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେ ହେଲେ ଦିଗପହଣ୍ଡି ଥାନା ମୌଳାଭଞ୍ଜା ଗ୍ରାମର ଦିବାକର ସାହୁ। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ପଳାସପୁର ଛକ ନିକଟରେ ପୋଲିସ ପକ୍ଷରୁ ଯାନବାହାନ ଧରପଗଡ଼ ଚାଲିଥିବା ବେଳେ ଦିବାକର ନିଶାଶକ୍ତ ଅବସ୍ଥାରେ ଅଟୋ ଚଳାଉଥିବା ଜଣାପଡିଥିଲା। ବ୍ରେଥ ଆନାଲାଇଜର ମେଶିନ ଦ୍ୱାରା ପୋଲିସ ତାଙ୍କ ପରୀକ୍ଷା କରିଥିଲା। ପରୀକ୍ଷା ରିପୋର୍ଟ ଅନୁଯାୟୀ ତାକୁ ଗିରଫ କରାଯାଇଛି।

### ଆଙ୍କୋରଡା ସରପଞ୍ଚଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର

**ଦିଗପହଣ୍ଡି,୫।୩(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଆଙ୍କୋରଡା ସରପଞ୍ଚ ଉଷାନ୍ତ ସାହୁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ଆଦେଶ ପ୍ରକାରେ ନିଲମ୍ବନ ପ୍ରତ୍ୟାହାର କରାଯାଇ ତାଙ୍କୁ ସରପଞ୍ଚ ଭାବେ ପୁନଃନିଯୁକ୍ତ କରାଯିବା ସମ୍ପର୍କିତ ଆଦେଶର ନକଲ ଗଞ୍ଜାମ ଜିଲାପାଳ ଏବଂ ଦିଗପହଣ୍ଡି ବିଡିଓଙ୍କ ନିକଟରେ ପହଞ୍ଚିଛି। ପ୍ରକାଶ ଯେ, ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ସରପଞ୍ଚ ସାହୁଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗତ ଜୁଲାଇ ୧୧ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜୁଲାଇ ୨୨ରେ ସେ ଜାମିନରେ ବ୍ରହ୍ମପୁର ଜେଲରୁ ଫେରିଥିଲେ ମଧ ଓଡିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୧୯ ଉଲଙ୍ଘନ କରିଥିବା ଅଭିଯୋଗରେ ତାଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିଲମ୍ବିତ କରିଥିଲା। ଏପରିକି ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ସରପଞ୍ଚ ଉଚ୍ଚ ନ୍ୟାୟାଳୟଙ୍କ ମାଧମରେ ବ୍ୟକ୍ତିଗତ ପକ୍ଷ ରଖିବା ପାଇଁ ସୁଯୋଗ ଦେବାକୁ ସେ ସରକାରଙ୍କ ଠାରେ ଅନୁରୋଧ କରିଥିଲେ। ଗତ ୨୫ ତାରିଖରେ ଉଷାନ୍ତ ସାହୁଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଠାରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ଶୁଣାଣି କରିବା ପରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୬୪ ଗ୍ରାମସଭାରେ ଏନ୍‌ପିଆର ବିରୋଧରେ ରିଜୋଲ୍ୟୁଶନ୍ ପାସ

**ବ୍ରହ୍ମପୁର ଅଫିସ,୫।୩**

ନାଗରିକତ୍ୱ ସଂଶୋଧନ ଆଇନ-୨୦୧୯(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି), ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର)କୁ ନେଇ ଏବେ ସାରାଦେଶରେ ହିଂସା ଦେଖାଦେଇଛି। ଓଡ଼ିଶାରେ ଏନ୍‌ପିଆର, ଏନ୍‌ଆରସି, ସିଏଏକୁ କାର୍ଯ୍ୟକାରୀ ନ କରିବାକୁ ଦାବି ହୋଇଛି। ଏନେଇ ବିଧାନସଭାରେ ପ୍ରସ୍ତାବ ଆଗତ କରିବାକୁ ଗୁରୁବାର ଗୋଷାଣୀନୂଆଗାଁ ସନ୍ତୋଷୀମା' ମନ୍ଦିର କଲ୍ୟାଣମଣ୍ଡପରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ ଓ ଜନ ଜାଗରଣ ଅଭିଯାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ଏପ୍ରିଲ ୧ରୁ କେନ୍ଦ୍ର ସରକାର ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର) ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ନାଗରିକତ୍ୱ ପ୍ରମାଣ ପାଇଁ ସରକାର ୨୧ ପ୍ରମାଣପତ୍ର ଦେଖାଇବାକୁ ବାଧତା ମୂଳକ କରିଛନ୍ତି। ଓଡିଶାରେ ଏହା ଲାଗୁ ହେଲେ ଆଦିବାସୀ, ଦଳିତମାନେ ନିଜର ନାଗରିକତ୍ୱ ପ୍ରମାଣ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ନାଗରିକତ୍ୱ ହରାଇବେ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ଫେବୃୟାରୀ ୧୯ ରୁ ଅଭିଯାନ ପକ୍ଷରୁ ଗଞ୍ଜାମ ଜିଲାର ୬ ବ୍ଲକରେ ଆୟୋଜିତ ହୋଇଥିବା ୬୪ ଗ୍ରାମସଭାରେ ଏନ୍‌ପିଆର, ଏନ୍‌ଆର୍‌ସି ସିଏଏକୁ ବିରୋଧ କରାଯାଇଛି। ଏହା ଓଡିଶାରେ ଲାଗୁ ନ କରିବାକୁ ରିଜୋଲ୍ୟୁଶନ ଆଗତ କରାଯାଇଛି। ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧରେ ହେବାକୁ ଥିବା ଜାତୀୟ ଜନସଂଖ୍ୟା ପଞ୍ଜିକା ସର୍ଭେ ଲାଗୁ କରା ନ ଯିବା ଦାବିରେ ମାର୍ଚ୍ଚ ୧୨ରେ ୬ ବ୍ଲକ ଘେରାଉ କରାଯିବ। ମାର୍ଚ୍ଚ ୧୮ରେ ବିଧାନସଭା ଘେରାଉ କରାଯିବା ସହ ଭବତ ସିଂଙ୍କ ଶହୀଦ ଦିବସରେ ଆରଡିସିଙ୍କ କାର୍ଯ୍ୟାଳୟ ଘେରାଉ କରିବା ନେଇ ଅଭିଯାନ ପକ୍ଷରୁ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

**ଏନ୍‌ଆରସି, ସିଏଏ, ଏନ୍‌ପିଆରକୁ ବିରୋଧ**

- ଏନ୍‌ପିଆର ଲାଗୁ ନ କରିବାକୁ ଜନ ଜାଗରଣ ଅଭିଯାନର ଦାବି
- ୧୨ରେ ୬ ବ୍ଲକ ଘେରାଉ
- ୧୮ରେ ବିଧାନସଭା ଘେରାଉ ଚେତାବନୀ

ଖବରଦାତା ସମ୍ମିଳନୀରେ ମଧୁସୂଦନ ସେଠୀ, ବିଜୟ ସ୍ୱାଇଁ, ଶ୍ରୀନିବାସ ରାଓ, ପ୍ରଫୁଲ୍ଲ ଶବର, ଗୋପାଳ କୃଷ୍ଣ ମଲ୍ଲିକ ଓ ହାଡୁଆ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ଫାଷ୍ଟଫୁଡ ଦୋକାନରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା

**ପାଟପୁର,୫।୩**

ପାଟପୁର ଥାନା ଜଗନ୍ନାଥପୁର ଛକ ନିକଟରେ ଥିବା ଫାଷ୍ଟଫୁଡ ଦୋକାନରେ ସୋମବାର ରାତି ପ୍ରାୟ ୧୦ଟାରେ ମୁଖାପିନ୍ଧା ୩ ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ମାଲିକ ବାଇନାଥ ପ୍ରଧାନ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୩୮/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି। ବାଇନାଥ ନିଜ ଦୋକାନରେ ବସିଥିବା ସମୟରେ ଦୁର୍ବୃତ୍ତମାନେ ଖଣ୍ଡା, କାତି, ଟାଙ୍ଗିଆ ଧରି ତାଙ୍କୁ ଧମକାଇବା ସହ ଟଙ୍କା ମାଗିଥିଲେ। ପ୍ରତିବାଦ କରିବାରୁ ବାଇନାଥକୁ ଖଣ୍ଡାରେ ହାଣିବାକୁ ଉଦ୍ୟମ କରିଥିଲେ। ବାଇନାଥ ବାହାରକୁ ଚାଲିଆସିବା ପରେ ଦୁର୍ବୃତ୍ତ ଦୋକାନ ଜିନିଷପତ୍ର ଓ ସିସିଟିଭି ଭଙ୍ଗାରୁଜା କରିଥିବା ଏତଲାରେ ଦର୍ଶାଯାଇଛି।

# ପ୍ରଥମ ଦିନରେ ୧୧ ପ୍ରାର୍ଥିପତ୍ର ଦାଖଲ


ରଘୁନାଥ ପାଣିଗ୍ରାହୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୫।୩**

**ଗଞ୍ଜାମ ଓକିଲ ସଂଘ ନିର୍ବାଚନ**

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ଗୁରୁବାର ପ୍ରଥମ ଦିନରେ ୧୧ ଆଇନଜୀବୀ ପ୍ରାର୍ଥିପତ୍ର ପ୍ରଦାନ କରିଛନ୍ତି। ପ୍ରାର୍ଥୀମାନେ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥିପତ୍ର ଦେଇଥିଲେ। ସଭାପତି ପାଇଁ କପିଳେଶ୍ୱର ପଟ୍ଟନାୟକ ଓ ଜନାର୍ଦ୍ଦନ ସୁବୁଦ୍ଧି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସମ୍ପାଦକ ଭାବେ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ରାମକୃଷ୍ଣ ମହାରଣା ଓ ସୁଶୀଲ କୁମାର ତ୍ରିପାଠୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉପସଭାପତି ବି. ଭାଗୀରଥି ରାଓ, ହରିକୃଷ୍ଣ ପଟ୍ଟନାୟକ, ବସନ୍ତ କୁମାର ରାଉତ ଓ କୃଷ୍ଣଚନ୍ଦ୍ର ପଣ୍ଡା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପଣ୍ଡା ଓ ସୁଧୀର କୁମାର ପାତ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ମଧ ପ୍ରାର୍ଥିପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୨ଟା ଯାଏ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ରଖାଯାଇଥିବା ନିର୍ବାଚନ ଅଧିକାରୀ ମହାପାତ୍ରଙ୍କଠାରୁ ପ୍ରକାଶ। ଆସନ୍ତା ୭ ତାରିଖ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ସେହିପରି ଆସନ୍ତା ୧୩ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯିବାକୁ ସ୍ଥିର ହୋଇଛି। ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ଏହାପରେ ଆସନ୍ତା ୨୮ ତାରିଖ ସକାଳ ୮ ଟା ରୁ ଅପରାହ୍ନ ୨ ଟା ଯାଏ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୩ ଟାରୁ ଭୋଟ ଗଣତି ଆରମ୍ଭ ହେବ ବୋଲି ଜଣାପଡିଛି।

### ପାର୍ଥସାରଥି ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ପାତ୍ରପୁର, ୫।୩(ଡି. ଏନ.ଏ.)**

ପାତ୍ରପୁର ବ୍ଲକ ଜରଡ଼ାଗଡ଼ର ପାର୍ଥସାରଥିଙ୍କ ଜୀର୍ଣ୍ଣୋଧାର ବୈଷ୍ଣବ ପ୍ରସାଦ ସଂସ୍କାର କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜଳଯାତ୍ରା, ଅଙ୍କୁରାରୋପଣ, ବ୍ରାହ୍ମଣବରଣ, ଦୀକ୍ଷା ଗ୍ରହଣ, ମଣ୍ଡଳ ପୂଜା, ମହାସ୍ନାନ, ଜୀବନ୍ୟାସ, ଚକ୍ରସ୍ଥାପନ, ଘୃତଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ସହ ଶେଷ ଦିବସରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଉପଲକ୍ଷେ ସନାତନ ଧର୍ମ ସଭା ଓ ପୂର୍ଣ୍ଣାହୁତି ଦିନ ସତାଧିକ ଭାଗବତ ଟୁଙ୍ଗି ଭକ୍ତମାନେ ଯୋଗଦେଇ ରାହାସ ମଣ୍ଡଳ କରିଥିଲେ। ଦୃଷ୍ଟିହୀନ ଭଜନ ସମାରୋହ ସହ ପ୍ରବଚନ ଓ ଆଧାତ୍ମିକ ଆସର ଅନୁଷ୍ଠିତ ହୋଇଥିଲା। ଜରଡ଼ା ରାଜା ଦୀପକ ଚନ୍ଦ୍ର ଦେଓ ଓ ରାଣୀମା କିରଣ ଦେଓ କର୍ତ୍ତା ହୋଇଥିବା ବେଳେ ପୁରୋହିତ ଅଶୋକ କୁମାର ପାଢ଼ୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ରାଜ୍ୟ ନୁହେଁ ପଡ଼ୋଶୀଙ୍କୁ ଆକୃଷ୍ଟ କରେ



ଆଚାର ପ୍ରସ୍ତୁତକାରୀ ଓ ବ୍ୟବସାୟୀ ଚନ୍ଦନ ସାହୁ।

**ବ୍ରହ୍ମପୁର ଅଫିସ, ୫।୩**

ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ଏକ ପ୍ରମୁଖ ସହର। ବେପାର ବାଣିଜ୍ୟର ପେଣ୍ଠସ୍ଥଳୀ। ବ୍ରହ୍ମପୁର ମହାନଗର ନିଗମ ବହୁ ବର୍ଷରୁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଦ୍ୱାରା କେବଳ ନିଜ ରାଜ୍ୟ ନୁହେଁ ଅନ୍ୟ ରାଜ୍ୟରେ ଓ ଦେଶରେ ମଧ ଆଦୃତଲାଭ କରିପାରିଛି। ବ୍ରହ୍ମପୁର ସହରରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ମଧ୍ୟରେ ଆଚାର ଓ ପାମ୍ପଡ଼ ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଛି। ବ୍ରହ୍ମପୁର ଆଚାର ଓ ପାମ୍ପଡର ସ୍ୱାଦ ନିଆରା ଓ ସ୍ୱତନ୍ତ୍ର। ବଡ଼ ବଜାରରେ ଆଚାର ପାଇଁ ପ୍ରବଳ ଭିଡ଼ ଲାଗିଥାଏ। ଶହେରୁ ଊର୍ଦ୍ଧ୍ୱ ପ୍ରକାରର ଆଚାର ଏଠାରେ ବିକ୍ରି କରାଯାଇଥାଏ। ଲେମ୍ବୁ, ଆମ୍ବ ଆଦି ବିଭିନ୍ନ ପ୍ରକାରର କଞ୍ଚାମାଲ ସବୁ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଆଣି ଏଠାରେ ସ୍ୱାଦିଷ୍ଟ ଆଚାର ପାଗ କରି ଖଟା, ମିଠା, ରାଗ ଆଦି ତିଆରି କରିଥାନ୍ତି। ଆମ୍ବ ମିଠା ଆଚାର, ନବରତ୍ନ ଆଚାର, ଚମ୍ପେଇତ ଆଚାର, ଆମ୍ବସୋଡ଼ଶ ଆଚାର, ଲେମ୍ବୁ ମିଠା ଆଚାର, ଲେମ୍ବୁ ରାଗ ଆଚାର ଓ ବର କୋଳି ଆଚାର ଏସବୁର କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, କଲିକାତା, ମୁମ୍ବାଇ ଓ ଗୁଜରାଟ ଇତ୍ୟାଦି ରାଜ୍ୟକୁ ମଧ ବିକ୍ରି ପାଇଁ ଯାଇଥାଏ। ଏହି ସମସ୍ତ ଆଚାର ଗ୍ରାହକଙ୍କ ମନକୁ ଛୁଇଁଥାଏ। ଅନ୍ୟ କୌଣସି ଜିଲା କି ରାଜ୍ୟରେ ବ୍ରହ୍ମପୁର ସହର ଭଳି ଘର ତିଆରି ଆଚାରର ସ୍ୱାଦ ମିଳି ନ ଥାଏ।

**ଚନ୍ଦନ ସାହୁ, ଆଚାର ବ୍ୟବସାୟୀ ଓ ପ୍ରସ୍ତୁତକାରୀ**

ଆନ୍ଧ୍ରପ୍ରଦେଶରେ ଆମ୍ବତୋଟା ରହିଥାଏ। ସେଠାରୁ କଞ୍ଚାମାଲ ଆଣି ବିଭିନ୍ନ ପ୍ରକାର ଆଚାର ଚିନି ପାଗ କରି ସେଥିରେ ରସୁଣ, ମେଥି, ହେଙ୍ଗୁ, ଜିରା ଓ ସୋରିଷ ଇତ୍ୟାଦି ମସଲା ପକାଇ ଆଚାର ପ୍ରସ୍ତୁତ କରିଥାଏ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପ୍ରକାର ଆଚାର ମୁଁ ପ୍ରସ୍ତୁତ କରି ତାକୁ ବିକ୍ରି କରିଥାଏ। ମିଠା ଆମ୍ବ ଆଚାର ଓ ନବରତ୍ନ ଅଚାରର ଚାହିଦା ଅଧିକ ରହିଛି। ଏହି ସବୁ ଆଚାର ଦିଲ୍ଲୀ ଓ ମୁମ୍ବାଇ ଆଦି ସ୍ଥାନକୁ ପଠାଯାଇଥାଏ। କେବଳ ବ୍ରହ୍ମପୁର ସାରା ଓଡ଼ିଶାରେ ଆମ ଆଚାରର ଚାହିଦା ରହିଛି। ପ୍ରାୟ ୬ ବର୍ଷ ହେବ ମୁଁ ଆଚାର ପ୍ରସ୍ତୁତ କରି ବିକ୍ରି କରୁଛି। ଏଥିରେ ମୋତେ ମୋର ୬ ଜଣ କାରିଗର ସାହାଯ୍ୟ କରୁଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୫।୩**

ଗୋଷାଣୀନୂଆଗାଁ ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ରେଳଷ୍ଟେଶନରୁ ଉଦ୍ଧାର କରିଥିଲା। ନାବାଳିକା ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଅପହର୍ତ୍ତାଙ୍କୁ ମଧ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ଆସିକା ଥାନା ଅନ୍ତର୍ଗତ ମଣ୍ଟାପଡା ଗ୍ରାମର ଗଗନ ଓରଫ ରାକେଶ ଜେନା (୨୩) ବୋଲି ତଦନ୍ତକାରୀ ଅଧିକାରୀ ତଥା ଥାନା ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା କହିଛନ୍ତି। ଗୁରୁବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି। ମାମଲା ନମ୍ବର ୧୮/୨୦ ଦଫା ୩୬୩/୩୭୬(୩)/୩୭୬(୨)(ଏନ) ଆର/ଡବ୍ଲ୍ୟୁ ସେକ୍ସନ ୪ ପୋକ୍‌ସୋ ଆକ୍ଟରେ ଗଗନଙ୍କୁ ପୋଲିସ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିକଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଅନ୍ୟପଟେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଶ୍ରୀ ମଲ୍ଲଙ୍କ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୀଡ଼ିତାଙ୍କୁ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ଗଗନ ଟ୍ରେନ୍‌ରେ ଚା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିଲେ। ସେ ଗତ ୨୭ ତାରିଖରେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ପରେ ପୀଡିତାଙ୍କ ମା' ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ।

# ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ

## ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

**ବ୍ରହ୍ମପୁର ଅଫିସ,୫।୩**

ବ୍ରହ୍ମପୁର ଖଲ୍ଲିକୋଟ କଲେଜ ପଡିଆରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅଷ୍ଟମ ଦିବସ ବିତିଛି। ଏଥିରେ ଖେଳାଯାଇଥିବା ବି ଗ୍ରୁପ ସେମିଫାଇନାଲ ମ୍ୟାଚରେ ଧନ୍‌ବାଦ୍ ଷ୍ଟାର୍ସ ଓ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଧନ୍‌ବାଦ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ୍‌ରେ ରାମେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୬ ଉଇକେଟ ହରାଇ ୨୬୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୧୦୪ ବଲ ଖେଳି ସର୍ବାଧିକ ୧୧୯ ରନ ହାସଲ କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ଧାନ୍‌ବାଦ୍ ଷ୍ଟାର୍ସ ଦଳ ୨୧.୩ ଓଭରରେ ୧୦ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଫଳରେ ରାମେଶ୍ୱର ଦଳ ମ୍ୟାଚକୁ ବାଜିମାତ କରି ଫାଇନାଲରେ ପ୍ରବେଶ କରିଥିଲା। ଅମ୍ପାୟାର ଭାବେ ପ୍ରସନ୍ନ କୁମାର ପାଢୀ ଓ ସୁଶାନ୍ତ କୁମାର ପଣ୍ଡା ଏବଂ ସ୍କୋରର ଅମ୍ବିକା ପ୍ରସାଦ ପାଣିଗ୍ରାହୀ ଓ ବିକାଶ ସାମଲ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଶ୍ୱଜିତ୍ ଭୂୟାଁଙ୍କୁ ବିବେଚିତ କରାଯାଇଥିଲା। ମୁଖ୍ୟଅତିଥି ଆଲଫା ଦଳ ସାଧାରଣ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଯୋଗଦେଇଥିଲେ। ଶନିବାର ଆଲଫା ସ୍ପୋର୍ଟିଂ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।


ମ୍ୟାନ୍ ଅଫ ଦି ମ୍ୟାଚ ବିଜେତାଙ୍କୁ ପୁରସ୍କୃତ କରାଯାଉଛି।

# ହାଉସିଂବୋର୍ଡ ଷ୍ଟେଜ୍-୨ ଅଞ୍ଚଳକୁ ଜଳଯୋଗାଣ ବ୍ୟାହତ

**ଖରାଦିନ ପୂର୍ବରୁ ସହରରେ ଜଳସଙ୍କଟ**


ହାଉସିଂବୋର୍ଡ ଷ୍ଟେଜ୍-୨ର ଅଞ୍ଚଳବାସୀ।

**ବ୍ରହ୍ମପୁର ଅଫିସ,୫।୩**

ଖରାଦିନ ପୂର୍ବରୁ ବ୍ରହ୍ମପୁର ସହରରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବ୍ରହ୍ମପୁର ମହାନଗର ନିଗମ ୧୪ ନଂ. ୱାର୍ଡ ହାଉସିଂବୋର୍ଡ ନୀଳକଣ୍ଠନଗର ଷ୍ଟେଜ୍-୨କୁ ଜଳଯୋଗାଣ ବ୍ୟାହତ ହୋଇଥିବା ନେଇ ଅଭିଯୋଗ ହୋଇଛି। ବହୁବାର ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସତ୍ତ୍ୱେ ଜଳଯୋଗାଣରେ ଅବହେଳା କରାଯାଉଥିବା ଅଞ୍ଚଳବାସୀ କହିଛନ୍ତି। ଅଭିଯୋଗ ପ୍ରକାରେ, ହାଉସିଂବୋର୍ଡ ନୀଳକଣ୍ଠନଗର ଷ୍ଟେଜ୍-୨ ସାହିର ପରବର୍ତ୍ତୀ ଓ ଏହାର ପାର୍ଶ୍ୱ ସାହିକୁ ନିୟମିତ ଜଳଯୋଗାଣ ହେଉଛି। କିନ୍ତୁ ସାହିକୁ ଦୀର୍ଘମାସ ଧରି ପାନୀୟ ଜଳଯୋଗାଣ ସ୍ୱାଭାବିକ ହେଉ ନାହିଁ। ଏପରିକି ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନର ଏକ ବର୍ଷ ପୂରିଥିଲେ ମଧ ପାଇପ୍‌ଲାଇନ ବିଛା ଆରମ୍ଭ ହୋଇ ନାହିଁ। ସ୍ଥାନୀୟ ଅଞ୍ଚଳରେ ଥିବା ସମ୍ପରେ ଜଳ ଗଚ୍ଛିତ ରହିଥିବା ସତ୍ତ୍ୱେ ଯୋଗାଣରେ ନିୟୋଜିତ ଅଧିକାରୀମାନେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ପାନୀୟ ଜଳ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୋଗାଣରେ ବ୍ୟାହତ ହୋଇଥିବା ଅଭିଯୋଗ ପରେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଅନ୍ୟପଟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ନିର୍ମିତ ବୋରିଂରୁ ଆଉଟପୋଷ୍ଟକୁ ହେଉଥିବା ଜଳଯୋଗାଣରୁ ଜଳ ସଂଗ୍ରହ କରି ସାହିବାସିନ୍ଦା ଚଳି ଆସୁଥିବା ବେଳେ ଏବେ ତାହା ମଧ ବିଭିନ୍ନ ସମୟରେ ବନ୍ଦ ହେଉଥିବା ଲୋକେ କହିଛନ୍ତି। ହାଉସିଂବୋର୍ଡ ନୀଳକଣ୍ଠନଗର ଷ୍ଟେଜ୍-୨ ଅଞ୍ଚଳର ୨୫ ପରିବାର ଜଳ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଉପରେ ନିର୍ଭର କରୁଛନ୍ତି। ବିଭାଗ କିନ୍ତୁ ଜଳଯୋଗାଣରେ ବାରମ୍ବାର ଅବହେଳା କରିଥିବା ସେମାନେ କହିଛନ୍ତି। ଖରାଦିନ ପୂର୍ବରୁ ପାନୀୟ ଜଳଯୋଗାଣ ସ୍ୱାଭାବିକ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଶୁଣାଇଛନ୍ତି।


"ଅଞ୍ଚଳବାସୀ ପାଣି ପାଇଁ ସମ୍ପୂର୍ଣ୍ଣ ରୂପେ ଜଳଯୋଗାଣ ଉପରେ ନିର୍ଭରଶୀଳ। କିନ୍ତୁ ଏଥିରେ ଅନିୟମିତତା ଯୋଗୁ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ।

- ଧର୍ମା ରାଓ, ଅଞ୍ଚଳବାସୀ


"ଦୀର୍ଘ ୨୦ ବର୍ଷ ହେଲା ଏହି ଅଞ୍ଚଳରେ ରହିଆସୁଛି। କିନ୍ତୁ ବିଗତ ୩ ମାସ ହେବ ଜଳକଷ୍ଟ ବଳି ଯାଇଛି। ଆଗକୁ ଖରାଦିନ ଥିବା ବେଳେ ଏବେଠାରୁ ଜଳଯୋଗାଣରେ ଅନିୟମିତତା ଅତିଷ୍ଠ କରିଲାଣି। ପାନୀୟ ଜଳଯୋଗାଣ ବନ୍ଦ ହେଉଥିବାରୁ ବାଧ ହୋଇ ପିଇବା ପାଣି କିଣିବାକୁ ପଡୁଛି।

-ଇ. ରାମାରାଓ ପାତ୍ର, ଅଞ୍ଚଳବାସୀ


"ସମସ୍ତ ଅଞ୍ଚଳକୁ ଜାନିବିଲିରୁ ଜଳଯୋଗାଣ ପାଇଁ ସଂଯୋଗ ଦିଆଯାଉଛି। କିନ୍ତୁ ଏବେ ସୁଦ୍ଧା ଏହି ଅଞ୍ଚଳକୁ ପାଇପ୍ ଲାଇନ ବିଛାଯାଇ ନାହିଁ। ଅନ୍ୟପଟେ ପୂର୍ବରୁ ସ୍ୱାଭାବିକ ହୋଇ ଆସୁଥିବା ଜଳଯୋଗାଣ ବର୍ତ୍ତମାନ ବନ୍ଦ ହୋଇଯାଇଛି। ଅଞ୍ଚଳବାସୀଙ୍କ ଦ୍ୱାରା ଅଭିଯୋଗ କଲେ କିଛି ଦିନ ଜଳଯୋଗାଣ ସ୍ୱାଭାବିକ ହେଉଛି। ପରେ ପୁଣି ବନ୍ଦ କରାଯାଉଛି। ଯାହାଦ୍ୱାରା ସାହିରେ ଶେଷ ମୁଣ୍ଡରେ ଥିବା ନଳକୂପର ପାଣି ପିଇବା ଅନୁପଯୁକ୍ତ ସତ୍ତ୍ୱେ ବ୍ୟବହାର କରିବାକୁ ପଡୁଛି।

- ସନିଆ ସାହୁ, ଅଞ୍ଚଳବାସୀ


"ଘରେ ରୋଷେଇ ପାଇଁ ହେଉ କିମ୍ବା ପିଇବା ପାଣି ଲାଗି ସବୁକ୍ଷେତ୍ରରେ ଜନସ୍ୱାସ୍ଥ୍ୟ ବିଭାଗ(ପିଏଚଡି) ପାଇପ୍‌ଲାଇନ ଉପରେ ନିର୍ଭର କରୁଛୁ। କିନ୍ତୁ ବିଭାଗ ପକ୍ଷରୁ ଜଳଯୋଗାଣ ଠିକ୍ ହେଉନାହିଁ। ପିଇବା ପାଣି ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବ୍ୟବହାର ପାଇଁ ଆଉଟ୍‌ପୋଷ୍ଟରେ ଆସୁଥିବା ପାଣି ମଧ ଠିକ୍ ଆସୁ ନାହିଁ। ଯାହାଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

-ସଫି ସାହୁ, ଅଞ୍ଚଳବାସୀ

## ସଂକ୍ଷେପରେ

### ରାସ୍ତା ମଝିରୁ ସୂଚନା ଫଳକ ହଟାଇବାକୁ ଦାବି



**ପୋଲସରା,୫ା୩(ଡି.ଏନ.ଏ.):** ପୋଲସରା ସହର ତଥା ଏନ୍‌ଏସି ଅନ୍ତର୍ଗତ ୧୯ନଂ .ୱାର୍ଡ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ମୁଖ୍ୟ ସଡ଼କର ମଧଭାଗରେ ଏକ ସୂଚନା ଫଳକ ନିର୍ମାଣ କରାଯାଇଛି। ବହୁଦିନ ହେଲା ଏହି ୱାଲ ରହିବା ଦ୍ୱାରା ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଦେଖାଯାଉନାହିଁ ଫଳରେ ବଡ଼ ବଡ଼ ଦୁର୍ଘଟଣାମାନ ଘଟିବା ସହ ଲୋକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ ନିମିନା ଗ୍ରାମର ଅଶୋକ ପ୍ରଧାନ ଏବଂ ପୋଲସରା ଅଞ୍ଚଳର ସୀତାରାମ ପ୍ରଧାନ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତେଣୁ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଏନ୍‌ଏସି କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ଏହି ଫଳକ ୱାଲକୁ ଭାଙ୍ଗିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

### କବିସୂର୍ଯ୍ୟନଗର ଧୋବା ପୁଞ୍ଜା ବହି ପୂଜା

**କବିସୂର୍ଯ୍ୟନଗର,୫ା୩:** କବିସୂର୍ଯ୍ୟନଗରରେ ଦଣ୍ଡଯାତ୍ରା ଉପଲକ୍ଷେ ମହାମାୟୀ ନାଟ୍ୟ ସଂଘ ଧୋବାପୁଞ୍ଜା ପକ୍ଷରୁ ଆଠଗଡ଼ ଛିନ୍ନମସ୍ତା ପୀଠରେ ଗଣେଶ ରାଉତଙ୍କ ଲିଖିତ 'କାହାଣୀ କାନ୍ଦୁଛି ଆଖି ଲୁଚେଇ, ବହି ପୂଜନ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀ ଗୌରହରି ବେହେରାଙ୍କ ସଭାପତିତ୍ୱରେ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଥିଲା। ବିଜୟ କୁମାର କଅଁର, ଭକ୍ତ ଚରଣ ନାୟକ, କୃପାସିନ୍ଧୁ ସ୍ୱାଇଁ, ସୁଦର୍ଶନ ପ୍ରଧାନ ଓ ଅରୁଣ ସ୍ୱାଇଁଙ୍କୁ ନେଇ ନୂତନ ଭାବେ ୫ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ବହି ପୂଜନ ଉତ୍ସବରେ ସଭାପତି ବିଦୁଭୂଷଣ ସେଠୀ, ପରିଚାଳକ ସନ୍ତୋଷ କୁମାର ସେଠୀ, କୋଷାଧକ୍ଷ ବିପ୍ରଚରଣ ବେହେରା, ରଙ୍କ ସେଠୀ, ସହଦେବ ସେଠୀ, ଯୁଧିଷ୍ଠିର ସେଠୀଙ୍କ ସମେତ ସମସ୍ତ କଳାକାର ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ବିଜୁ ଜୟନ୍ତୀ

**ଛତ୍ରପୁର,୫ା୩(ଡି.ଏନ.ଏ.):** ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଛତ୍ରପୁରରେ ଗୁରୁବାର ଗଞ୍ଜାମ ଜିଲାସ୍ତରୀୟ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ୍ ପଲେଇ, ମୁଖ୍ୟ ବକ୍ତା ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସମ୍ମାନିତ ଅତିଥି ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା ଓ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଯୋଗଦେଇ ବିଜୁବାବୁଙ୍କ ଜୀବନୀ ଓ ଓଡିଶା ପ୍ରତି ଥିବା ଅବଦାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ସ୍ଥାପନ ହେବ ଗୋମୂତ୍ର ଷ୍ଟୋରେଜ୍, ବାୟୋଗ୍ୟାସ୍ ୟୁନିଟ୍

**ମୋ ଗୋ ଧନ ପାଇଲଟ୍ ଯୋଜନା**

■ପ୍ରଥମ ପର୍ଯ୍ୟାୟରେ ୪୦ ଚାଷୀ ସାମିଲ

ଛତ୍ରପୁର,୫ା୩(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ମୋ ଗୋ ଧନ ପାଇଲଟ୍ ଯୋଜନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୦ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଈ ଗୁହାଳ ଚାଷୀମାନଙ୍କ ପାଇଁ ନିର୍ମାଣ ହେବ। ଉକ୍ତ ଗୋମୂତ୍ର ଷ୍ଟୋରେଜ୍ ୟୁନିଟ୍ ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯିବ। ବିଭିନ୍ନ ପନିପରିବା ଫସଲ ଉପରେ ଉକ୍ତ ଗୋ ମୂତ୍ର ଚାଷୀମାନେ ସିଞ୍ଚନ କରିବେ। ଫଳରେ ଅର୍ଗାନିକ୍ ପରିବା ଉତ୍ପାଦନ ହୋଇପାରିବ। ଏଥିସହ ଗୋବର କମ୍ପୋଷ୍ଟ ପିଟ୍ ଏବଂ ଏଥିରୁ ବାୟୋଗ୍ୟାସ୍ ଉତ୍ପାଦନ ପାଇଁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଫଳରେ ଗାଈର ସ୍ୱାସ୍ଥ୍ୟ ରହିବା ସହ ଆଉ ରନ୍ଧନ ଗ୍ୟାସ୍ କିଣିବାକୁ ପଡିବନି। ଉକ୍ତ ୟୁନିଟ୍ ଦ୍ୱାରା ବାହାରୁଥିବା ବାୟୋଗ୍ୟାସ୍ ଦ୍ୱାରା ୧୦ ପରିବାରର ରନ୍ଧନ ହୋଇପାରିବ। ଏହି କାମ ଜିଲାରେ ଆରମ୍ଭ ହୋଇପାରିଛି। ଗୁରୁବାର ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଆୟୋଜିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ଯୋଗଦେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ଜିଲାପାଳ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ସର୍ବଦା ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏଥିରେ ଆସୁଥବା ଅଭିଯୋଗ ଉପରେ ମଧ ପଦକ୍ଷେପ ନିଆଯାଉଛି। ଜିଲାରେ ନିର୍ମାଣ ହୋଇଥିବା ପକ୍କା ଘର ପାଇଁ ବିଭିନ୍ନ ସମୟରେ ହୋଇଥିବା ତିତ୍‌ଲି ଓ ଫନିରେ ଜିରୋ କାଜୁଆଲଟିର ଲକ୍ଷ୍ୟ ପୂରଣ କରାଯାଇ ପାରୁଥିବା ଜିଲାପାଳ କହିଛନ୍ତି। ଜିଲାରେ ଥିବା ଏସ୍‌ଏଚଜିମାନେ ଫୁଲ ଚାଷ ସହ କ୍ଷୀର ଉତ୍ପାଦନ, ଅଙ୍ଗନୱାଡି କେନ୍ଦ୍ର ଶିଶୁମାନଙ୍କ ପାଇଁ ପୋଷାକ ପ୍ରସ୍ତୁତି, ମଧାହ୍ନ ଭୋଜନ ଦାୟିତ୍ୱ ନେଇ ସଫଳତା ଅର୍ଜନ କରିଛନ୍ତି। ଏଥିପାଇଁ ପ୍ରକଳ୍ପ ପ୍ରସ୍ତୁତି ଓ ସବ୍‌ସିଡି ଜୀବିକା ମିଶନରୁ ପ୍ରଦାନ କରାଯାଉଛି। ଚଳିତ ମାସରେ ବ୍ରହ୍ମପୁର ଏମ୍‌କେସିଜି ସମ୍ମିଳନୀ ଗୃହରେ ୧୨୦୦ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ ହେବ। ରାଜ୍ୟ ବାହାର ଆଦର୍ଶ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଅଣାଯାଇ ସେମାନଙ୍କ ସଫଳତା ସମ୍ପର୍କରେ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ କାର୍ଯ୍ୟ କରାଯାଉଥିବା ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ।



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ପୂର୍ବତନ ଏସ୍‌ଇଓଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ

ଫୁଲବାଣୀ ଅଫିସ, ୫ା୩

ଏକ ଲାଞ୍ଚ ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ସତ୍ୟପୀର ମିଶ୍ର କ.ନୂଆଗାଁ ବ୍ଲକର ପୂର୍ବତନ ସାମାଜିକ ଶିକ୍ଷା ସଙ୍ଗଠକ (ଏସ୍‌ଇଓ) ନବକେଶି ଦେଶୀନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ତାଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରଛନ୍ତି।

କ.ନୂଆଗାଁ ବ୍ଲକ ଅଞ୍ଚଳରେ ପଦ୍ମଚରଣ ସାହୁ ନାମକ ଜଣେ ବ୍ୟକ୍ତି ବିଦ୍ୟାଳୟଗୁଡିକର ମଧାହ୍ନଭୋଜନ ପାଇଁ ଅଣ୍ଡା ଯୋଗାଉଥିଲେ । ସେ ବାବଦକୁ ସରକାରଙ୍କଠାରୁ ପଦ୍ମଚରଣ ୭୪ ହଜାର ୯୦ ଟଙ୍କା ପାଇବାର ଥିଲା । ଏହି ଟଙ୍କାର ବିଲ୍ କରିଦେବା ପାଇଁ ଦାୟିତ୍ୱରେ ଥିବା ନବକେଶି ଦେଶୀନାୟକଙ୍କୁ ସେ ଅନୁରୋଧ କରିଥିଲେ । ଏଥିପାଇଁ ଦେଶୀନାୟକ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ତେବେ ୮ ହଜାର ଟଙ୍କା ଦେବାକୁ କଥା ଛିଡିଥିଲା। ପଦ୍ମଚରଣ ଏ ନେଇ ୨୦୧୪ ଜୁଲାଇ ୨୨ରେ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗକ୍ରମେ ନଂ.୩୨/୧୪ରେ ମାମଲା ରୁଜୁ ହୋଇଥିଲା । ୨୩ରେ ପଦ୍ମଚରଣ ଲାଞ୍ଚ ଟଙ୍କା ଦେଶୀନାୟକଙ୍କୁ ତାଙ୍କ ଅଫିସରେ ଦେବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ସେଠାରେ ପହଞ୍ଚି ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ ।

# ୬ ନାମାଙ୍କନପତ୍ର ଦାଖଲ

**ଛତ୍ରପୁର ଓକିଲ ସଂଘ ନିର୍ବାଚନ**

ଛତ୍ରପୁର,୫ା୩(ଡି.ଏନ.ଏ.)

ଛତ୍ରପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ପ୍ରଥମ ଦିବସରେ ୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ସଭାପତି ପଦବୀ ପାଇଁ ଓକିଲ ଗୋକୁଳ ଚନ୍ଦ୍ର ପଣ୍ଡା ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ପାଇଁ ବାବୁ ନାହାକ, ସମ୍ପାଦକ ପାଇଁ ଜି.ପଦ୍ମନାଭ ପ୍ରଧାନ, ଏଲ୍.ଗୋପାଳ ରାଓ ଓ ଏସ୍.ଶ୍ୟାମ କୁମାର ରାଓ, ଲାଇବ୍ରେରି ସେମିନାର ସମ୍ପାଦକ ପଦବୀ ପାଇଁ ସୁରେଶ କୁମାର ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରଛନ୍ତି । ୭ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୧୨ ରେ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୧୩ ରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୨୮ ତାରିଖ ପୂର୍ବାହ୍ନ ୮ ରୁ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ଅପରାହ୍ନ ୩ଟା ପରେ ଭୋଟ ଗଣତି ହୋଇ ବିଜୟୀ ପ୍ରାର୍ଥୀ ଘୋଷଣା କରାଯିବ । ଛତ୍ରପୁର ଓକିଲ ସଂଘରେ ୧୬୭ ସଦସ୍ୟ ରହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ସୂର୍ଯ୍ୟ ନାରାୟଣ ରେଡ୍ଡୀ, ଅତିରିକ୍ତ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ସାହୁ ଓ ସଞ୍ଜୟ କୁମାର ବେହେରା କାର୍ଯ୍ୟ ତୁଲାଉଛନ୍ତି ।

# ବ୍ରହ୍ମପୁରରେ ବିଜୁ ଜୟନ୍ତୀ

ବ୍ରହ୍ମପୁର ଅଫିସ,୫ା୩

ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମବାର୍ଷିକୀ ବ୍ରହ୍ମପୁରରେ ଗୁରୁବାର ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ପୂର୍ବତନ ରାଜ୍ୟସଭା ସଦସ୍ୟା ରେଣୁବାଳା ପ୍ରଧାନ, ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ, ବରିଷ୍ଠ ନେତା ସଞ୍ଜିତ ପାଣିଗ୍ରାହୀ, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ସୁରେନ୍ଦ୍ର ମହାରଣା, ମମତା ବିଶୋୟୀ, ପୂର୍ବତନ ନଗରପାଳ ପି.ଭୀମୁଡୁଙ୍କ ସମେତ ଶତାଧିକ କର୍ମୀ ଓ ପ୍ରାକ୍ତନ କର୍ପୋରେଟରମାନେ ମା' ବୁଢ଼ୀ ଠାକୁରାଣୀ ମନ୍ଦିରକୁ ଯାଇଥିଲେ। ବିଜୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୧୦୪ ଦୀପ ପ୍ରଜ୍ୱଳନ କରାଯାଇଥିଲା।

କର୍ପୋରେଶନ ରୋଡସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନେତା ଓ କର୍ମୀମାନେ ସମୂହ ପ୍ରାର୍ଥନା କରିଥିଲେ। ଦେଶୀ ବେହେରା ବଜାର ଛକ ଓ ଆସିକା ରୋଡସ୍ଥ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଡିଏର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଓ ଅନ୍ୟମାନେ ସିଟି ହସ୍‌ପିଟାଲକୁ ଯାଇ ଫଳ ଓ ବିସ୍କୁଟ ଆଦି ବଣ୍ଟନ କରିଥିଲେ। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଅନୁପସ୍ଥିତ ଥିଲେ। ଏହି ୩ ନେତା ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବାକୁ କଟକ ପଳାଇଥିଲେ।

ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ହେବାର ଚୂଡ଼ାନ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ପାଇଁ ଜିଲା ବିଜେଡି ସଭାପତି ଚ୍ୟାଉ ପଟ୍ଟନାୟକ ଏହା କହିଛନ୍ତି।



ବିଜୁ ପାର୍କରେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ଚାରି ଗାଁରେ ନାହାନ୍ତି ଲାଇନ୍‌ମ୍ୟାନ

# ହଟହଟା ହେଉଛନ୍ତି ବିଦ୍ୟୁତ୍ ଉପଭୋକ୍ତା

ଗୋପାଳପୁର,୪ା୩

ଗୋଳନ୍ଥରା ଥାନା ଅନ୍ତର୍ଗତ ୪ ପଞ୍ଚାୟତ କିଶୋରଚନ୍ଦ୍ରପୁର, ରାଧାମୋହନପୁର, ପନ୍ନାଡ଼ ଓ ଝରପଲ୍ଲୀ ଗ୍ରାମରେ ସାଉଥ୍‌କୋ ବିଭାଗ ପକ୍ଷରୁ ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ଲାଇନମ୍ୟାନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଉକ୍ତ ଗ୍ରାମରେ ଗତ ଦୁଇବର୍ଷ ପୂର୍ବେ ଲାଇନମ୍ୟାନ୍‌ଙ୍କ ବଦଳି ହେବା ପରେ ବର୍ତ୍ତମାନ ସୁଦ୍ଧା ସେଠାରେ ପୁନଃ ନିଯୁକ୍ତି ଦିଆଯାଇନାହିଁ। ଏଥିସହ ଉକ୍ତ ଗ୍ରାମାଞ୍ଚଳରେ ଲୋ–ଭୋଲଟେଜ ସମସ୍ୟା, ତାର ଛିଣ୍ଡିବା ଓ ନୂତନ ବିଦ୍ୟୁତ୍ ସଂଯୋଗ କ୍ଷେତ୍ରରେ ଗ୍ରାହକମାନେ ହଟହଟା ହେଉଛନ୍ତି। ଏ ନେଇ ୪ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର କହିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ସ୍ଥାୟୀ ଲାଇନମ୍ୟାନ ନିଯୁକ୍ତି ନେଇ ଗତ ଏକ ସପ୍ତାହ ତଳେ ଗ୍ରାମବାସୀ କନିଷ୍ଠ ସାଉଥ୍‌କୋ ଏସ୍‌ଡିଓ ମନୋରଞ୍ଜନ ଭୋଇଙ୍କୁ କହିଥିଲେ। ଏ ନେଇ ଏସ୍‌ଡିଓଙ୍କୁ ପଚାରିବାରୁ ସେଠାରେ ଲାଇନମ୍ୟାନ ନଥିବା ଅଭିଯୋଗ ଆସିଛି, ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଶୀଘ୍ର ଲାଇନମ୍ୟାନଙ୍କୁ ସେଠାକୁ ପଠାଯିବ ବୋଲି କହିଥିଲେ।

# ଫେରାର ଗାଡି ଚାଳକ ଗିରଫ

ଦିଗପହଣ୍ଡି,୫ା୩(ଡି.ଏନ୍.ଏ.)

ଦିଗପହଣ୍ଡି–ବ୍ରହ୍ମପୁର ରାଜ୍ୟ ରାଜପଥ ନଂ.୧୭ ଗଣିଆ ନାଳ ଛକ କୁରେଇଶୁଣି ମନ୍ଦିର ନିକଟରେ ଗତ ଜାନୁୟାରୀ ୨୩ରେ ଯାତ୍ରିବାହୀ ବସ ମାଡ଼ିଯିବାରୁ ନାରାୟଣପୁର ଗ୍ରାମର ଚାଷୀ ବିଶୁନୁ ଦଳବେହେରାଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦିଗପହଣ୍ଡି ପୋଲିସ ଗୁରୁବାର ଫେରାର ଗାଡି ଚାଳକଙ୍କୁ ଗିରଫ କରି ଥାନା ମାମଲା ନଂ.୧୭/୨୦ରେ କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ପାଟପୁର ଥାନା ପୋଡ଼ାମାରି ଗ୍ରାମରେ ରହୁଥିବା ରାଜ କୁମାର ଓରଫ ଗଣେଶ ବେହେରା। ଘଟଣା ଦିନ ବିଶୁନୁ କୁରେଇଶୁଣି ମନ୍ଦିର ନିକଟ ମୁଖ୍ୟରାସ୍ତା କଡ଼ରେ ଠିଆ ହୋଇଥିଲେ। ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଦିଲ୍‌ଖୁସ ନାମକ ଘରୋଇ ଯାତ୍ରିବାହୀ ବସ (ନଂ. ଓଡି ୦୭ ୱାଇ–୯୪୯୩) ତାଙ୍କଉ ପରେ ମାଡି ଯାଇଥିଲା।

# ଶୋଭନୀୟ କିଣ୍ଡର ପାର୍ଟନ ସ୍କୁଲ ଉଦ୍‌ଘାଟିତ




ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡ଼ା,୫ା୩(ଡି.ଏନ୍.ଏ.)

ବୁଗୁଡ଼ା ଶୋଭନୀୟ ପବ୍ଲିକ ସ୍କୁଲ ତରଫରୁ ଶୋଭନୀୟ କିଣ୍ଡର ପାର୍ଟନ ନାମକ ଏକ ଶାଖା ଏହି ବ୍ଲକ ଅନ୍ତର୍ଗତ ବାଲିପଦରରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ଶୋଭନୀୟ ପବ୍ଲିକ ସ୍କୁଲ ସମ୍ପାଦକ ୟୁ. ଅରବିନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ବିଧାୟକଙ୍କ ସମେତ ମୁଖ୍ୟବକ୍ତା ଭାବେ ବନଲତା ଦେବୀ ଓ ସମ୍ମାନିତ ଅତିଥି ଭାବେ ବାଲିପଦର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ପଟ୍ଟନାୟକ ଯୋଗଦେଇ ପ୍ରିନର୍ସରୀ ସ୍କୁଲର ବିଶେଷ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଲିଙ୍ଗନ କୁମାର ଦିଗାଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଶୋଭନୀୟ ପବ୍ଲିକ ସ୍କୁଲର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

ଫୁଲବାଣୀ ଅଫିସ, ୫ା୩

ଫୁଲବାଣୀସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ପଞ୍ଚାୟିତିରାଜ ଦିବସ ପାଳିତ ହୋଇଯାଇଛି। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ଏବଂ ଫୁଲବାଣୀ ପଞ୍ଚାୟତ ସମିତି ଅନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ ଆକାଂକ୍ଷା ପ୍ରଧାନ ଅଧକ୍ଷତା କରି ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଡା.ବୃନ୍ଦା ଡି ପଞ୍ଚାୟତର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନା ଏବଂ ମିଣିଆ ସରପଞ୍ଚଙ୍କ କାର୍ଯ୍ୟକୁ ପ୍ରସଂଶା କରିଥିଲେ। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, କନ୍ଧମାଳ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ ବିଭିନ୍ନ ବିଷୟରେ ଅବଗତ କରିଥିଲେ। ବିଡିଓ ସୁବ୍ରତ କୁମାର ଜେନା ପ୍ରାରମ୍ଭିକ ଭାଷଣ ରଖିଥିଲେ। ବ୍ଲକ ତରଫରୁ ୧୬୮ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ବିଜୁ ଜନତା ଦଳ ପକ୍ଷରୁ ମଧ ଏହି ଦିବସ ପାଳନ କରାଯାଇଥିଲା। ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ପୌରାଧକ୍ଷ ରାଜେନ୍ଦ୍ର କହଁର, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧକ୍ଷା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଭତ୍ତା ବଣ୍ଟନ କରୁଛନ୍ତି।

# ବିଜୁ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

ଆସିକା,୫ା୩(ଡି.ଏନ୍.ଏ.)

ଆସିକା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟାଯାଇଥିଲା। ବାଣୀବିହାରସ୍ଥିତ କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଶିବ ନାହାକ ପ୍ରମୁଖ ସାମିଲ ଥିଲେ। ସେହିପରି ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବ୍ଲକ ଅଧକ୍ଷ ଏଥିରେ ଅଧକ୍ଷତା କରିଥିବା ବେଳେ ବିଡିଓ ପ୍ରଦୀପ କୁମାର ପଣ୍ଡା, ତହସିଲଦାର ସଦାନନ୍ଦ ସେଠୀ, ସହକାରୀ ଯନ୍ତ୍ରୀ ନାରାୟଣ ସାହୁ, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସୀମାଞ୍ଚଳ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ।

**ପାଟପୁର:** ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଦିବସ ଅଧକ୍ଷା ସଙ୍ଗୀତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗାୟତ୍ରୀଦତ୍ତ ନାୟକ, ବ୍ଲକ ଉପାଧକ୍ଷ ଗୋବିନ୍ଦଚନ୍ଦ୍ର ସ୍ୱାଇଁ, ଏମ୍‌ପି ପ୍ରତିନିଧି ଅନ୍ତର୍ଯ୍ୟାମୀ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ।

**କୋଦଳା:** କୋଦଳା ମା' ହନୁମନ୍ତ ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ କୋଦଳା ନଗର ବିଜେଡି ସଭାପତି ସଞ୍ଜିବ କୁମାର ସାହୁ ପୌରୋହିତ୍ୟ କରିଥିଲେ।

**ଦିଗପହଣ୍ଡି:** ଘୋଡାହାଡ ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦିଗପହଣ୍ଡି ବ୍ଲକ ଓ ନଗର ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଏମ. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ଅସିତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପଦ୍ମନାଭପୁର ପଞ୍ଚାୟତରେ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା।

**ଗୋପାଳପୁର:** ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ବିଜୁ ଜୟନ୍ତୀରେ ବିଡିଓ କୁମାର ନାଗଭୂଷଣ, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ଏବିଇଓ ତ୍ରିପତି ବାଲାଜୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ:** ଗଞ୍ଜାମ ବିଜେଡି ପକ୍ଷରୁ ଷ୍ଟେଶନ ରୋଡସ୍ଥିତ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଏମ୍‌ପି ପ୍ରତିନିଧି ତଥା ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡ଼ା, ନିର୍ବାଚନ ଦାୟିତ୍ୱରେ ଥିବା ଯୁବନେତା ରାକେଶ ରଞ୍ଜନ ଦାସ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଗଞ୍ଜାମ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡିଓ ଜ୍ୟୋତି ଶଙ୍କର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସହକାରୀ ଯନ୍ତ୍ରୀ ପର୍ଶୁରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଶେରଗଡ:** ଶେରଗଡ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ଓ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଚାରିଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳୀୟ ପତାକା ଧରି ପଦଯାତ୍ରା ବାହାରିଥିଲା। ହନୁମାନ ମନ୍ଦିର ପାଖରେ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ବାବୁଲା କୁମାର ଚୌଧୁରୀ, ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଭାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା।

**ହିଞ୍ଜିଳିକାଟୁ–** ହିଞ୍ଜିଳିକାଟୁ ବ୍ଲକ ଓ ନଗର ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଜୁ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠିତ ଏକ ସ୍ମୃତି ସଭାରେ ନଗର ସଭାପତି ଭୀମସେନ ବେହେରା ଅଧକ୍ଷତା କରିଥିଲେ। ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ହରିହର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ଅଧକ୍ଷ ଏନ୍. ରଘୁନାଥ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଗୋପୀନାଥ କୁଅଁର, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଫେସର ଡ. ଦାଶରଥୀ ଭୂୟାଁ, ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଡ଼ିଆରଡ଼ିଏ ପ୍ରତିନିଧି ଶରତ ମହାପାତ୍ର, ବ୍ଲକ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ୨୯୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା।

**ବାଲିଗୁଡା:** ବାଲିଗୁଡା ସଭାଗୃହରେ ବିଜେଡି ତରଫରୁ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ବାଲିଗୁଡା ଉପଖଣ୍ଡକୁ ଜିଲା କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି ଟୁନା ଦାସ, ଏନ୍‌ଏସି ଉପାଧକ୍ଷ ଲୋକନାଥ ପାଢୀ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡିବନ୍ଧ ବ୍ଲକ ସଭାପତି ପ୍ରମୋଦ ସାହୁ, ଶିରିଶ ମଲିକ, କୋଟଗଡ ବ୍ଲକ ଉପାଧକ୍ଷ ଜି.ଭି. ପାନ୍ଥୁଲ ଯୋଗ ଦେଇଥିଲେ।



ଗଞ୍ଜାମ ଷ୍ଟେଶନ ରୋଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

## ସଂକ୍ଷେପରେ

### ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୫।୩: ଖଜୁରିପଡା ବ୍ଲକ ଆର.ନୂଆଗାଁ ସ୍ଥିତ ଗରାକୁମ୍ପା ଛକ ନିକଟରେ ଏକ ଶ୍ରମିକ ସଚେତନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଶାଖାର ବ୍ଲକ ସଭାପତି ରାଧାକାନ୍ତ ଦିଗାଲ, ପଞ୍ଚାୟତ ସଂଗଠକ ବାଲୁଙ୍କେଶ୍ୱର କହଁରଙ୍କ ତତ୍ତ୍ୱାବଧାନରେ ଏକ ସଭା ହୋଇଥିଲା । ଉକ୍ତ ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ଘନ କୁମାର ଶବର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ଗଚ୍ଛିତ ସେସ୍ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେଉଁଭଳି ଭାବେ ହଡପ କରିବାକୁ ବସିଛନ୍ତି ତାହା ଉପରେ କହିଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ସମାଲୋଚନା କରି ସଚେତନ ହେବାକୁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲା ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚକାପାଦ ବ୍ଲକ ସଭାପତି ସୁଦାମ ବେହେରାଙ୍କ ସମେତ ଆଖପାଖ ଅଞ୍ଚଳର ଶ୍ରମିକ ଏବଂ ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ ।

# ବାଲି ବ୍ୟବସାୟକୁ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ

**ଟିକିଟି,୫।୩(ଡି.ଏନ.ଏ.)**

ଟିକିଟି ତହସିଲ କୁଟିଲିଙ୍ଗ୍ ସର୍କଲ ଅଧୀନରେ ଥିବା ଖରଖରିଆ ଗ୍ରାମ ପୂର୍ବଦିଗରେ ଯାଇଥିବା ବାହୁଦା ନଦୀ ପଠାରୁ ବାଲି ଉଠାଣକୁ ନେଇ ଖରଖରିଆ ଗ୍ରାମ ଓ ଆନ୍ଧ୍ରସୀମାନ୍ତ କୁଲିଗାଁ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଛି । ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଦୀର୍ଘଦୀନ ଧରି ଖରଖରିଆ ଗ୍ରାମବାସୀ ଉକ୍ତ ନଦୀପଠା ତାଙ୍କ ଅଧିକାରରେ ରହିଥିବା କହୁଛନ୍ତି। ଅପରପକ୍ଷରେ ଆନ୍ଧ୍ର ସୀମାନ୍ତବର୍ତ୍ତୀ କୁଲିଗାଁ ଗ୍ରାମବାସୀ ଏହା ତାଙ୍କର ବୋଲି ଆପତ୍ତି କରିଥିଲେ। ଦୀର୍ଘଦିନ ହେଲା ଉକ୍ତ ନଦୀପଠାରୁ ଆନ୍ଧ୍ର ମାଫିଆମାନେ ବାଲିଚାଲାଣ କରୁଥିଲେ। ଫଳରେ ନଦୀଶଯ୍ୟା ସଂକୀର୍ଣ୍ଣ ହୋଇପଡିବା ସହ ଗ୍ରାମ ପ୍ରତି ବିପଦ ଦେଖାଦେଇଥିଲା । ଏପରିକି ବନ୍ୟା ଓ ବାତ୍ୟା ସମୟରେ ଉକ୍ତ ଗ୍ରାମ



ପ୍ରଶାସନ ପକ୍ଷରୁ ନଦୀ ପଠା ମାପଚୁପ କରାଯାଉଛି ।

ଲୀନ ହୋଇଯିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଖରଖରିଆ ଗ୍ରାମବାସୀ ମଙ୍ଗଳବାର ଟିକିଟି ତହସିଲ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ଗୁରୁବାର ଟିକିଟି ତହସିଲ ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଟିକିଟି ରାଜସ୍ୱ ସୁପରଭାଇଜର ଜ୍ୟୋତିର୍ମୟୀ ଚନ୍ଦ୍ର, କୁଟିଲିଙ୍ଗ୍ ରାଜସ୍ୱ ନିରୀକ୍ଷକ କୁମୁଦ ପଟ୍ଟନାୟକ, ଅମିନ ସୁଜିତ ନାୟକ ଓ ସୋମେଶ୍ୱର ରେଡ୍ଡୀ ଆନ୍ଧ୍ର ପ୍ରଶାସନ ପକ୍ଷରୁ ଇଚ୍ଛାପୁରମ୍ ତହସିଲ୍‌ଦାର ପି. ଅମଲା, ଭିଆରଓ ଜି. ଗୁନାକର, ରାଜସ୍ୱ ନିରୀକ୍ଷକ କ୍ରିଷ୍ଣା ରାଉଳ ଏବଂ ଜରଡା ପୋଲିସ୍ ଓ ଆନ୍ଧ୍ର ପୋଲିସ ମିଳିତ ସହାୟତାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ମାପଚୁପ ଆରମ୍ଭ ହୋଇଥିଲା । ଏଥିରୁ ଜଣାପଡିଲା, ଏହି ନଦୀ ସମ୍ପୂର୍ଣ୍ଣ ଆନ୍ଧ୍ର ଇଲାକା ବୋଲି କୁହାଯାଇଛି । ଏ ସମ୍ପର୍କରେ ଟିକିଟି ତହସିଲଦାର ହରପ୍ରସାଦ ଭୋଇଙ୍କୁ ପଚାରିବାରୁ ରେଖାଙ୍କିତ ମାନଚିତ୍ରରେ ରାଜସ୍ୱ ସର୍କଲରେ ନ ଥିବାରୁ ଏହା ସମ୍ପୂର୍ଣ୍ଣ ଆନ୍ଧ୍ର ପ୍ରଦେଶରେ ଯାଉଥିବା ସେ କହିଛନ୍ତି।

# ପାତ୍ରପୁର ବ୍ଲକରେ କରୋନା ସଂକ୍ରମଣ ଗୁଜବ

## ମିଛ ବୋଲି କହିଲେ ସ୍ୱାସ୍ଥ୍ୟ ଅଧିକାରୀ

**ପାତ୍ରପୁର,୫।୩(ଡି.ଏନ.ଏ.)**

କରୋନା ସଂକ୍ରମଣକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗୁରୁବାର ସକାଳେ ପାତ୍ରପୁର ବ୍ଲକ କେଶରୀପଡ଼ା ଗ୍ରାମରେ ୨ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ବିଭିନ୍ନ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା । ମଧ୍ୟାହ୍ନ ବେଳକୁ ଅଞ୍ଚଳର ପ୍ରାୟ ଲୋକଙ୍କ ମୋବାଇଲ ଫୋନ, ହ୍ୱାଟସ୍‌ଆପ୍ ଓ ଫେସବୁକ ମାଧ୍ୟମରେ ଖବର ବ୍ୟାପି ଯାଇଥିଲା । ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କେତେକ ବ୍ୟକ୍ତି ତତ୍ପର ହେଉଥିବା ବେଳେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସମ୍ବିତ ବେଗରାୟଙ୍କ ନିକଟରେ ପହଞ୍ଚି ଥିଲା ଖବର। ଏହି ଅଞ୍ଚଳରେ କରୋନା ଭାଇରସ୍‌ରେ କୌଣସି ବ୍ୟକ୍ତି ଆକ୍ରାନ୍ତ ହୋଇନାହାନ୍ତି। ଏହା ମିଥ୍ୟା ଗୁଜବ ବୋଲି ବେଗରାୟ କହିଥିଲେ । କରୋନା ସଂକ୍ରମଣକୁ ନେଇ ଏଭଳି ମିଥ୍ୟା ଖବର ନଦେବାକୁ କହିବା ସହ ଏହି ରୋଗ ପ୍ରତି ଚଚେତନ ହେବାକୁ ପରାମର୍ଶ ସେ ଦେଇଥିଲେ ।

# ଘରେ ପଶିଲା ବାର୍‌ହା

## ଆକ୍ରମଣରେ ଜଣେ ଆହତ



ଘର ଭିତରେ ପଶିଥିବା ବାର୍‌ହା ।

**ବେଗୁନିଆପଡା,୫।୩(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ତାଳସରସ୍ଥିତ ସୂର୍ଯ୍ୟନଗର ସାହିରେ ଗୁରୁବାର ଅପରାହ୍ନରେ ଏକ୍ ବାର୍‌ହା ପଶିଥିଲା। ସାହିର ଜଗଦୀଶ ଜେନାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏହାପରେ ଗୀତା ସ୍ୱାଇଁଙ୍କ କବାଟ ଖୋଲାଥିବା ବେଳେ ଘରେ ପଶି ଯାଇଥିଲା । ଘରେ ଥିବା ଗୀତା ଓ ତାଙ୍କ ଦୁଇ ଝିଅଙ୍କୁ ଆକ୍ରମଣ କରିବା ପାଇଁ ଉଦ୍ୟମ କରିବାବେଳେ ସେମାନେ ବାରିପଟେ ଦୌଡ଼ି ପଳାଇଥିଲେ। ପରେ ସାହିଲୋକେ ବାରି ଓ ଦାଣ୍ଡ କବାଟ ଦେଇ ବାର୍‌ହାକୁ ଘର ଭିତରେ ବନ୍ଦ କରି ରଖିଥିଲେ। ଖଲ୍ଲିକୋଟ ବନ ବିଭାଗ ଅଧିକାରୀଙ୍କୁ ଗ୍ରାମବାସୀ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ପରେ ବ୍ରହ୍ମପୁର ଡିଏଫଓଙ୍କୁ ଖବର ଦେବାରୁ ସେ ବନ ବିଭାଗ କର୍ମଚାରୀଙ୍କୁ ପଠାଇବେ ବୋଲି କହିଥିଲେ। ମାତ୍ର କର୍ମଚାରୀ ଆସିବାରେ ବିଳମ୍ବ ହୋଇଥିଲା । ବନ ବିଭାଗ ଉକ୍ତ ବାରହାକୁ କାବୁ କରିଥିଲେ, ମାତ୍ର ଘର ଭିତରେ ବହୁ ଜିନିଷପତ୍ର ନଷ୍ଟ କରିଦେଇଥିଲା। ଆହତ ଜଗଦୀଶଙ୍କୁ ସୁମଣ୍ଡଳ ମେଡିକାଲରେ ଭର୍ତ୍ତି କରାଯାଇଛି।

## ହୋଟେଲରୁ ମଦ ଜବତ, ମାଲିକ ଗିରଫ

**ପୁରୁଷୋତ୍ତମପୁର୫।୩(ଡି.ଏନ.ଏ.)**– ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ ଗୁରୁବାର କୋଦଳା ଥାନା ବେଗୁନିଆପଡାର ଏକ ହୋଟେଲ ଉପରେ ଅତର୍କିତ ଚଢାଉ କରିଥିଲେ। ସେଠାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବାସହ ହୋଟେଲ ମାଲିକ ତଥା ବେଗୁନିଆପଡାର କେ. ସୁନିଲ ରାଓ (୨୫)ଙ୍କୁ ଗିରଫ କରିଛନ୍ତି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସ୍ୱାଇଁ ସୂଚନା ଦେଇଛନ୍ତି ଯେ, ଅପରାହ୍ନରେ କୋଦଳା ଅଞ୍ଚଳରେ ଅନ୍ୟଷ୍ଟାଫମାନଙ୍କ ସହ ସେ ପାଟ୍ରୋଲିଂ କରୁଥିଲେ। ବେଗୁନିଆପଡା ବଜାରରେ ଥିବା ରାମକୃଷ୍ଣ ହୋଟେଲରେ ମଦବିକ୍ରି ହେଉଥିବା ଖବର ମିଳିଥିଲା। ସେଠାରେ ଚଢାଉ କରି ବହୁ ପରିମାଣର ବିଦେଶୀ ମଦ ଜବତ କରାଯାଇଥିଲା। ଆବଶ୍ୟକୀୟ କାଗଜପତ୍ର ହୋଟେଲ ମାଲିକ ଦେଖାଇ ନ ପାରିବାରୁ ତାଙ୍କୁ ଗିରଫ କରାଯିବା ସହ ମଦ ଜବତ କରାଯାଇଛି। ଏନେଇ କୋଦଳା ଥାନାରେ ନଂ.୬୩/୨୦ରେ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ କହିଥିଲେ।

# ପାଇପ୍ ଫାଟି ତଳେ ଭାସିଲା ମୋଲାସେସ୍

**ଆସିକା,୫।୩ (ଡି.ଏନ୍.ଏ.)**

ଆସିକା ଚିନିକଳରେ ଆଖୁପେଡା ଚାଲିଥିବା ବେଳେ ବୁଧବାର ରାତି ପ୍ରାୟ ୩ଟାରେ ପାଇପ ଫାଟିଯିବାରୁ କାରଖାନାରୁ ନିର୍ଗତ ମୋଲାସେସ୍ ଟାଙ୍କିକୁ ଯାଇ ନ ପାରି ତଳେ ଭାସିଥିଲା। ପ୍ରାୟ ୫ଟନର ମୋଲାସିସ୍ ତଳେ ଭାସିଥିବା ଜଣାଯାଇଛି । କାରଖାନାରେ ଚିନିପ୍ରସ୍ତୁତ ପରେ ମୋଲାସେସ ପାଇପ ଯୋଗେ କାରଖାନା ପରିସରରେ ଥିବା ୩ଟି ଟ୍ୟାଙ୍କରେ ଗଚ୍ଛିତ ହୁଏ। ୩ ନଂ ଟ୍ୟାଙ୍କକୁ ସଂଯୋଗ କରୁଥିବା ପାଇପ ଫାଟି ମୋଲାସେସ୍ ତଳେ ବହିବାରୁ ଏହାକୁ ବନ୍ଦ କରାଯାଇ ଅନ୍ୟ ଟ୍ୟାଙ୍କରେ ଗଚ୍ଛିତ ରଖିବା ବ୍ୟବସ୍ଥା କରାଯାଇଛି । ଏ ସମ୍ପର୍କରେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା କହିଛନ୍ତି, ମୋଲାସେସକୁ ପୁଣି ସଂଗ୍ରହ କରି କାର୍ଯ୍ୟକ୍ଷମ କରାଯାଇପାରିବ। ଭବିଷ୍ୟତରେ



ତଳେ ଭାସୁଥିବା ମୋଲାସେସ୍ ।

**ଆସିକା ଚିନିଶିଳ୍ପ**

ଏଭଳି ନ ହେବା ଲାଗି ପଦକ୍ଷେପ ନିଆଯିବା ଅନ୍ୟପକ୍ଷରେ କାରଖାନା ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଦିଗରେ ଉପଯୁକ୍ତ ଧ୍ୟାନ ଦିଆଯାଉନ ଥିବା ସାଧାରଣରେ ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ୨୦୧୨ ଜାନୁୟାରୀ ୨୩ ରାତିରେ କାରଖାନା ପରିସରରେ ଥିବା ଏକ ମୋଲାସେସ ଟାଙ୍କି ବିସ୍ଫୋରଣ ଘଟିଥିଲା । ଟାଙ୍କିରେ ଥିବା ପ୍ରାୟ ୨ହଜାର ମେଟ୍ରିକ ଟନ ମୋଲାସିସ ବୋହିଯାଇ କାରଖାନା କର୍ମଚାରୀଙ୍କ କ୍ୱାର୍ଟର୍ସ ଓ ଆସିକା-ବାଲିପଦର ରାସ୍ତାରେ ଭାସିଥିଲା । ଏଥିରେ ସଂପୃକ୍ତ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀଙ୍କ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ କାରଖାନା କୋଟି କୋଟି ଟଙ୍କା କ୍ଷତି ହୋଇଥିଲା ।

## ମାଡ଼ ମାରି ଲୁଟ ଅଭିଯୋଗ, ଯୁବକ ଗିରଫ

**ବୁଗୁଡ଼ା,୫।୩(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଠେଣାପଲ୍ଲୀ ଛକରେ ଗତ ସୋମବାର ରାତିରେ ଜଣେ ସାଇକେଲ ଆରୋହୀଙ୍କୁ ମାଡ଼ମାରି ମୋବାଇଲ ଓ ଟଙ୍କା ଲୁଟିନେଇଥିଲେ ଦୁର୍ବୃତ୍ତ । ଏନେଇ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତାଙ୍କଠାରୁ ମୋବାଇଲ ଜବତ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ଗିରଫ ଯୁବକ ଜଣକ ହେଲେ ଗାଙ୍ଗପୁର ଥାନା ଗୋଡ଼ିବନ୍ଧ ଗ୍ରାମର ମନୋଜ ପ୍ରଧାନ। ପ୍ରକାଶ ଯେ, ତାରାସିଙ୍ଗି ଥାନା ଗୋଠଲୁଣ୍ଡା ଗ୍ରାମର ସଞ୍ଜୟ କୁମାର ଗୌଡ଼ ସୋମବାର ରାତିରେ ସାଇକେଲରେ ଯାଉଥିବା ବେଳେ ଠେଣାପଲ୍ଲୀ ଛକରେ ୨ ଜଣ ଯୁବକ ମାଡ଼ମାରି ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିଲେ। ଅଭିଯୋଗ ପରେ ନଂ.୪୨/୨୦୨୦ରେ ଏକ ମାମଲା ରୁଜୁ ହୋଇଥିଲା।

# କାନ କାମୁଡ଼ିଦେବା ମାମଲାରେ ଜଣେ ଦୋଷୀ ସାବ୍ୟସ୍ତ

**ଛତ୍ରପୁର,୫।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଶିକୁଳିପଲ୍ଲୀ ଗାଁରେ ଡି.ଯୁଧିଷ୍ଠିର ପାତ୍ରଙ୍କ କାନକୁ କାମୁଡି ଦେବା ମାମଲାର ରାୟ ଗୁରୁବାର ଛତ୍ରପୁର ସହକାରୀ ଦୌରାଜଜ ସ୍ୱୟଂପ୍ରଭା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ଜେ.ଉପେନ୍ଦ୍ର ପାତ୍ର। ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରାଯାଇଛି। ଟଙ୍କା ଅନାଦାୟ ହେଲେ ଆହୁରି ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ । ଏହି ଘଟଣାରେ ୧୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ଓକିଲ ପ୍ରଦୀପ କୁମାର ପାତ୍ର ମାମଲା ପରିଚାଳନା କରିଥିଲେ। ପ୍ରକାଶଯେ, ପୁରୁଷୋତ୍ତମପୁର ଥାନା ଅଧୀନ ଶିକୁଳିପଲ୍ଲୀ ଗ୍ରାମର ଡି.ଯୁଧିଷ୍ଠିର ପାତ୍ର ୨୦୧୦ ଫେବୃୟାରୀ ୧ ରେ ପରିବା ପାଇଁ ତାରାତାରିଣୀ ଛକକୁ ଯାଇଥିଲେ। ଉକ୍ତ ଛକ ନିକଟରେ ଶିକୁଳିପଲ୍ଲୀର ଜେ.ଉପେନ୍ଦ୍ର ପାତ୍ର ତାଙ୍କ ବେକକୁ ଧରି ଘୋଷାଡି ଆଣିବା ସହ ତାଙ୍କର କାନକୁ କାମୁଡି ଦେଇଥିଲେ । ଏନେଇ ଡି.ଯୁଧିଷ୍ଠିରଙ୍କ ବାପା ଡି.ଭିକାରୀ ପାତ୍ର ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଥିଲେ । ଏହାକୁ ନେଇ ପୁରୁଷୋତ୍ତମପୁର ପୋଲିସ ଏକ ମାମଲା (ନଂ-୧୮/ ୧୦) ରୁଜୁ କରିଥିଲା ।

# ପାଲଟା ଅଭିଯୋଗ ପରେ ମାମଲା ରୁଜୁ



ଥାନା ଅଧିକାରୀଙ୍କୁ ଏତଲା ଦେଉଛନ୍ତି ତିନି ଭଉଣୀ ।

- ଗ୍ରାମରୁ ବାସନ୍ଦ ଘଟଣାର ଭିନ୍ନମୋଡ଼
- ଏସ୍‌ପିଙ୍କୁ ଫେରାଦ ହେଲେ କୁଳ ଭଦ୍ରବ୍ୟକ୍ତି

**ଗୋପାଳପୁର,୫।୩**

ବ୍ରହ୍ମପୁର ପୋଲିସ ଜିଲା ଗୋପାଳପୁର ଥାନା କରାପଲ୍ଲୀ ଗ୍ରାମରେ ଟି. ହେମନ୍ତ ରେଡ୍ଡୀ ତାଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିବା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ । ଏହି ଘଟଣା ଏବେ ଭିନ୍ନମୋଡ ନେଇଛି। ହେମନ୍ତଙ୍କ ବାପାଙ୍କ ସାବତ ଭଉଣୀ ତାଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। କୂଳର ଭଦ୍ରବ୍ୟକ୍ତି ମଧ୍ୟ ଏସ୍‌ପିଙ୍କୁ ଭେଟି ହେମନ୍ତଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଗତ ଫେବୃୟାରୀ ୨୦ରେ ଟି. ହେମନ୍ତ ରେଡ୍ଡୀ ଆମ ପରିବାରକୁ ନିଆଁପାଣି ବାସନ୍ଦ ସହ ଧମକଚମକ ଦିଆଯାଉଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ମାସ ୨୪ରେ ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ତଦନ୍ତ କରି ରିପୋର୍ଟ ଏସ୍‌ପିଙ୍କୁ ଦେଇଥିଲେ । ଗୁରୁବାର କରାପଲ୍ଲୀ ଗ୍ରାମର ଜି.ଚନ୍ଦ୍ରମା ରେଡ୍ଡୀ ଗୋପାଳପୁର ଥାନାରେ ହେମନ୍ତଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଫେବୃୟାରୀ ୨୯ରେ ତାଙ୍କ ଘରେ ପଶି ହେମନ୍ତ ଓ ଅନ୍ୟଜଣେ ମୋ ବାପାଙ୍କ ସମ୍ପତ୍ତି ନେବାକୁ ଚେଷ୍ଟା ଚଳାଇଛ ବୋଲି କହି ଗାଳିଗୁଲଜ ସହ ୩ ଭଉଣୀଙ୍କୁ ମାଡ଼ ମାରିଥିଲେ। ଏହାପରେ ଆମ ପରିବାରକୁ ହତ୍ୟା ଧମକ ଦେଇଥିଲେ। ଏନେଇ ଗୁରୁବାର ୩ ଭଉଣୀ ଜି.ଚନ୍ଦ୍ରମା, ଏନ.ସୁଭଦ୍ରା ଓ କେ.ଚନ୍ଦ୍ରମା ଗୋପାଳପୁର ଥାନାରେ ଏତଲା ଦେଇଥିଲେ। ନଂ.୨୭/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି। ଅନ୍ୟପଟେ ହେମନ୍ତ ବିଭିନ୍ନ ପତ୍ରପତ୍ରିକାରେ ଭୁଲ ତଥ୍ୟ ପ୍ରକାଶ କରି ରେଡ୍ଡୀକୁଳକୁ ବଦ୍‌ନାମ କରୁଥିବା ସମାଜର ଭଦ୍ରବ୍ୟକ୍ତି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ କୌଣସି ପ୍ରକାର ବାସନ୍ଦ କରାଯାଇନାହିଁ ସେ ଓଲଟି ଆମକୁ ଧମକଚମକ ଦେଉଥିବା ଭଦ୍ରଲୋକ ଏସ୍. ପୋତେୟା, ଏନ୍. ମୋହନ ରାଓ, ଟି. ଜାଗେୟା, କେ. ମୋହନ ରେଡ୍ଡୀ, ଟି. ତାରିଣେୟା, ଏନ. ଭେଙ୍କେଟଶ, ବି. ନିଲେୟା ପ୍ରମୁଖ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ପି ମିଶ୍ରଙ୍କ ସହ ଯୋଗାଯୋଗବେଳେ ଘଟଣା ସମ୍ପର୍କରେ ସଦର ଏସଡିପିଓ ଜୟନ୍ତ ମହାପାତ୍ରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ହେମନ୍ତ ଓ ଅପା ଚନ୍ଦ୍ରମାଙ୍କ ମଧ୍ୟରେ ୨୦୦୯ରୁ ଚାଲିଆସିଥିବା ଜମିବାଡି ବିବାଦର ସମାଧାନ ପାଇଁ କୂଳ ବୈଠକ ବସିବା ପରଠାରୁ ଏପରି ବିବାଦ ଚାଲିଥିବା ଜଣାପଡିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ